**ମାନସିକ ସ୍ତରରେ ଏକାକି ଅନୁଭବ କରିବା**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ପ୍ରାୟ ଦୁଇ ମାସ ତଳେ ଗୁଜୁରାଟରେ ହୋଇଥିବା ଗୁପ୍ତ ଅନୁସନ୍ଧାନ ଘଟଣା 'ସ୍ନୁପ ଗେଟ' ନେଇ କେନ୍ଦ୍ର ସରକାର ତରଫରୁ ଏକ ତଦନ୍ତ କମିଶନ ଗଠନ କରାଯାଇଥିଲା । ଗୁଜୁରାଟ ସରକାର ପୂର୍ବରୁ ଏକ କମିଟି ଗଠନ କରି ନିଜ କ୍ଷମତାର ପରିସର ମଧ୍ୟରେ କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ର ସରକାର କେବଳ ଭା.ଜ.ପାର ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କୁ ସମସ୍ୟାରେ ପକାଇବା ପାଇଁ ଉକ୍ତ ରାଜନୈତିକ ପଦକ୍ଷେପ ଗ୍ରହଣ କରିଥିଲେ । ମାତ୍ର ଉକ୍ତ କମିଶନ ଉ.ପା ସରକାରଙ୍କର ସମସ୍ତ ପ୍ରତିହିଂସା ପରାୟଣ ମନୋଭାବ ତଥା ଔଦ୍ଧତ୍ୟକୁ ଚୁରମାର କରିଦେଇଥିଲା । ଔଦ୍ଧତ୍ୟ ଆଜି ଉପା ସରକାରଙ୍କର ଏକ ପରିଚୟ ହୋଇଯାଇଛି । କେବଳ ସେଥିପାଇଁ ହିଁ ରାଜନୈତିକ କ୍ଷେତ୍ରରେ ସେମାନେ ତଳକୁ ହସିବା ସହ ବିଭିନ୍ନ କ୍ଷେତ୍ରରେ ଆଜି ଏକାକି ହୋଇଯାଇଛନ୍ତି ।

ଉକ୍ତ କମିଶନ ଗଠନ ପାଇଁ ସୁପ୍ରିମ କୋର୍ଟର ଜଣଙ୍କ ପରେ ଜଣେ ଅବସର ପ୍ରାପ୍ତ ଜଜଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ସେମାନେ ଏଭଳି ରାଜନୈତିକ ଚକ ଲଗା ଗାଡ଼ିର ସାରଥୀ ହେବାକୁ ମନା କରିବା ପରେ ହାଇ କୋର୍ଟର ଅବସର ପ୍ରାପ୍ତ ମୁଖ୍ୟ ବିଚାର ପତିଙ୍କୁ ମଧ୍ୟ ଦାୟିତ୍ୱ ଗ୍ରହଣ ପାଇଁ କୁହାଯାଇଥିଲା । ହେଲେ ସେମାନେ ମଧ୍ୟ ସ୍ପଷ୍ଟ ମନା କରିଦେବା ପରେ ସରକାର ଆଜି ମାନସିକ ସ୍ତରରେ ଦୁର୍ବଳ ହୋଇଯାଇଛନ୍ତି ।

ସେହିପରି ଲୋକପାଳର ଅଧ୍ୟକ୍ଷଙ୍କୁ ନିଯୁକ୍ତି ପାଇଁ ବିବେଚନା କମିଟି ଗଠନ ସମୟରେ ଜଷ୍ଟିସ ଭେଙ୍କଟଚାଲିଆ, ଫଲି.ଏସ.ନରିମ୍ୟାନ, ସୋଲି.ଜେ.ସୋରାବଜୀ, କେ ପରାସରନ, କେ.କେ.ବେଣୁ ଗୋପାଳ ଓ ହରିଶ ସଲ୍‌ଭେ ଆଦିଙ୍କୁ ଉକ୍ତ କମିଟିର ସଦସ୍ୟ କରାଯିବାର ଥିଲା । ଯେତେବେଳେ ତଦନ୍ତ କମିଟିକୁ ନିଯୁକ୍ତି ଦିଆଯାଇଥିଲା ସରକାର ଏକ କିମ୍ବା ତିନି ରୁ ଉର୍ଦ୍ଧ୍ୱ ସରକାରୀ ଓକିଲଙ୍କୁ ନିଯୁକ୍ତି ଦେବାକୁ ଚାହିଁଥିଲେ । ଯେଉଁଥିପାଇଁ ଶ୍ରୀମତୀ ସୁଷମା ସ୍ୱରାଜ ସ୍ପଷ୍ଟ ମନା କରିଦେଇଥିଲେ । ମୁଁ ମଧ୍ୟ ୨୦.୦୧.୨୦୧୪ ଓ ୩୦.୦୧.୨୦୧୪ ରେ ଉକ୍ତ ବିଷୟ ସମ୍ପର୍କରେ ପ୍ରଧାନ

ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲି କି ଏହା ଲୋକପାଳ ଓ ଲୋକାୟୁକ୍ତ ବିଲର ନୀତି ନିୟମକୁ ଉଲଙ୍ଘନ କରୁଅଛି । ସେମାନେ ବିବେଚନା କମିଟି ଓ ତଦନ୍ତ କମିଟି କାର୍ଯ୍ୟକୁ କେବଳ କ୍ଲରିକାଲ କାର୍ଯ୍ୟରେ ସୀମିତ କରି ସମସ୍ତ କାର୍ଯ୍ୟ ଭାର ପରସୋନେଲ ଓ ଟ୍ରେନିଂ ବିଭାଗକୁ ଦେଇଛନ୍ତି । ଉକ୍ତ ନିଯୁକ୍ତି ନେଇ ବିବେଚନା କମିଟିରେ ମଧ୍ୟ କୌଣସି ବୈଠକ କରାଯାଇନାହିଁ । ଲୋକପାଳର ଅଧ୍ୟକ୍ଷଙ୍କୁ ବଛାଯିବା ସମୟରେ ବହୁ ପ୍ରଖ୍ୟାତ ତଥା ଗଣ୍ୟମାଣ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବାର ଥିଲା ।

ସେଥିପାଇଁ ଜଷ୍ଟିସ ଫଲି.ଏସ.ନରିମ୍ୟାନ ଓ ଜଷ୍ଟିସ କେ.ଟି ଥମାସ ଉକ୍ତ କମିଟିରେ କାର୍ଯ୍ୟ କରିବାକୁ ମନା କରି ଦେଇଛନ୍ତି । ସେମାନଙ୍କୁ ମନେ ହୁଏ କି ଉକ୍ତ ବ୍ୟକ୍ତିମାନେ ପଦବୀ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ନୁହନ୍ତି ଓ ଏହା ଦ୍ୱାରା ଲୋକପାଳ ସୃଷ୍ଟି ପୂର୍ବରୁ ହିଁ ନଷ୍ଟ ହୋଇଯିବାର ସ୍ପଷ୍ଟ ପ୍ରତୀୟମାନ ହୁଏ । ଏହା ଫଳରେ ସରକାରଙ୍କର ମାନସିକତା ଆହୁରି ଦୁର୍ବଳ ହୋଇଯାଇଛି ।